ODM EDUCATIONAL GROUP
Changing your Tomorrow

# କବିତା-୧ : ଭୀମଙ୍କ ସିଂଘନାଦ ରଡ଼ି

## କବି – ସାରଳା ଦାସ (ପଞ୍ଚଦଶ ଶତାବ୍ଦୀ)

## ଶ୍ରେଣୀ - ଦଶମ

## ପ୍ରଥମ ଦିନ



Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024



# କବି – ସାରଳା ଦାସ

ODM EDUCATIONAL GROUP
Changing your Tomorrow

**General Objectives -** ସାଧାରଣ ଆଭିମୁଖ୍ୟ :

ସାରଳା ମହାଭାରତର ବିଭିନ୍ନ ଚରିତ୍ର ଏବଂ ପ୍ରାଚୀନ ଓଡିଆ ଭାଷା ସଂପର୍କିତ ଧାରଣା, ଏଠାରେ ଭୀମଙ୍କ ଦ୍ୱାରା ଶିବଙ୍କଠାରୁ ସିଂଘନାଦ ପ୍ରାପ୍ତି, ତାହାର ବାଦନରେ ସୌର ମଣ୍ଡଳରେ ଭୟଙ୍କର ପରିସ୍ଥିତି ସୃଷ୍ଟି, ମହାଲକ୍ଷ୍ମୀଙ୍କ ସାନ୍ତ୍ୱନାକୁ ଅଗ୍ରାହ୍ୟ କରି ଦୁର୍ଯ୍ୟୋଧନଙ୍କ ବୀରୋଚିତ ସମ୍ମୁଖ ସମରକୁ ଆଗମନ ଆଦି ବିଷୟବସ୍ତୁ ଗୁଡିକୁ ପିଲାମାନଙ୍କୁ ଶିକ୍ଷାଦାନ କରାଯିବ ।

**Specific Objectives -** ବିଶେଷ ଆଭିମୁଖ୍ୟ :

ଓଡିଆ ସାହିତ୍ୟ ଇତିହାସ ସଂପର୍କିତ ଜ୍ଞାନ, ଭାଷାଜ୍ଞାନ ଅଭିବୃଦ୍ଧି, ନିର୍ଭୁଲ୍ ଲିଖନ ଏବଂ ପଠନ ଦକ୍ଷତାର ବିକାଶ ।

ବ୍ୟାକରଣଗତ ଶବ୍ଦ ଏବଂ ନୂତନ ଶବ୍ଦାବଳୀ ସଂପର୍କିତ ଜ୍ଞାନ ।

ଭାଷାଜ୍ଞାନ ଆହରଣରେ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବୃଦ୍ଧି, ମାତୃଭାଷା ପଠନରେ ଅନୁରାଗ, ପ୍ରତିନିଧିସ୍ଥାନୀୟ କବି, ଲେଖକମାନଙ୍କର କୃତି ମାଧ୍ୟମରେ ମାନବୀୟ ମୂଲ୍ୟବୋଧ ଗୁଡିକୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅବଗତ କରାଇବା ।

ପ୍ରାରମ୍ଭିକ ସୂଚନା ଏବଂ କୁଇଜ୍ ମାଧ୍ୟମରେ କବିତା ଉପସ୍ଥାପନା

କୁଇଜ୍ ମାଧ୍ୟମରେ ବିଷୟବସ୍ତୁ ପ୍ରବେଶ

ODM EDUCATIONAL GROUP
Changing your Tomorrow

## Expected Learning Outcome

୧. ଅତ୍ୟଧିକ କ୍ରୋଧିତ ହେବା ଉଚିତ୍ ନୁହେଁ । ଏକଥା ଛାତ୍ରଛାତ୍ରୀମାନଙ୍କୁ ଜାଗ୍ରତ କରାଇବା ।

୨. ସର୍ବଦା ଗୁରୁଜନମାନଙ୍କ କଥାକୁ ସମ୍ମାନ ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିବା ।

୩. ମା' ଲକ୍ଷ୍ମୀଙ୍କର ଆଶୀର୍ବାଦ ସମସ୍ତଙ୍କର ବିଧେୟ ହେବା ଉଚିତ୍ । ଏ କଥା ଶିକ୍ଷାଦାନ କରିବା ।

୪. ଛାତ୍ରଛାତ୍ରୀମାନଙ୍କ ଭିତରେ ସ୍ନେହ, ପ୍ରେମ ଓ ତ୍ୟାଗର ବାର୍ତ୍ତା ପ୍ରଦାନ କରିବା ।

ODM EDUCATIONAL GROUP
Changing your Tomorrow

## ଜୀବନ କୌଶଳ ଗଠନ ଦକ୍ଷତା – **(Life Skill)**

୧. ଶତ୍ରୁ ହେଲେ ମଧ୍ୟ ବାତ୍ସଲ୍ୟ ମମତା ନିକଟରେ ହାର ମାନେ ।

୨. ଜୀବନରେ କ୍ରୋଧ କରିବା ଅନୁଚିତ୍, କ୍ରୋଧ ହିଁ ସର୍ବନାଶର କାରଣ ହୋଇଥାଏ ।

୩. ବଂଶରକ୍ଷା ନିମନ୍ତେ ସନ୍ତାନର ଆବଶ୍ୟକତା ପ୍ରତ୍ୟେକ ପରିବାରରେ ରହିଛି ।

୪. ପରିବାରର ସମସ୍ତ ଗୁରୁଜନ ଆମର ନମସ୍ୟ । ତେଣୁ ଗୁରୁଜନମାନଙ୍କୁ ଭକ୍ତି ଓ ଉପଯୁକ୍ତ ସମ୍ମାନ ପ୍ରଦାନ ସନ୍ତାନର କର୍ତ୍ତବ୍ୟ ।

ODM EDUCATIONAL GROUP
Changing your Tomorrow

**ସୃଜନାଭିମୁଖ୍ୟ :**

ଶୂଦ୍ରମୁନି ସାରଳା ଦାସଙ୍କ 'ମହାଭାରତ' ବ୍ୟାସକୃତ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ ବରଂ ଏକ ଅନୁସୃଷ୍ଟି ଯାହା ଓଡିଆ ଜାତିର ଆତ୍ମପରିଚିତିର ଏକ ମହାର୍ଘ ଶାସ୍ତ୍ର ।

କୁରୁକ୍ଷେତ୍ର ଧର୍ମଯୁଦ୍ଧର ପରିସମାପ୍ତି ଘଟିଛି । ଯୁଦ୍ଧରେ ପାଣ୍ଡବମାନେ ଉଡାଇଛନ୍ତି ବିଜୟଧ୍ୱଜା । ଦୁର୍ଯ୍ୟୋଧନଙ୍କର ଅନେଶତ ଭ୍ରାତା ଯୁଦ୍ଧରେ ନିହତ ହୋଇଛନ୍ତି । ଶେଷରେ ଦ୍ୱିତୀୟ ପାଣ୍ଡବ ଭୀମସେନ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ଭୀଷଣ ଗଦାଯୁଦ୍ଧ ହୋଇଛି ଓ କୃଷ୍ଣଙ୍କ ଇଙ୍ଗିତରେ ଭୀମସେନ ଦୁର୍ଯ୍ୟୋଧନଙ୍କର ଉରୁଭଙ୍ଗ କରି ତାଙ୍କୁ ଅକର୍ମଣ୍ୟ କରି ଦେଇଛନ୍ତି । ଭଗ୍ନଜାନୁ ନେଇ ଦୁର୍ଯ୍ୟୋଧନ ବ୍ୟାସ ସରୋବର ତଟରେ ଯନ୍ତ୍ରଣାରେ ଅତିଷ୍ଠ ହୋଇ ପଡିଥିଲାବେଳେ କନିଷ୍ଠ କୌରବ ଦୃଢକ୍ଷ ଜ୍ୟେଷ୍ଠଭ୍ରାତାଙ୍କ ଶୁଶ୍ରୂଷା କରିଛି ।

ଦୁର୍ଯ୍ୟୋଧନ ହିଁ ମହାଭାରତ ମହାସମରକୁ ଆମନ୍ତ୍ରଣ କରି ଆଣିଥିଲେ । ସେ ନିଜେ ନିଜ ପାଇଁ ବିପଦର କାରଣ ହୋଇଥିଲେ । କୌରବ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଏ ଯୁଦ୍ଧ ସାଧାରଣ ଯୁଦ୍ଧ ନଥିଲା ବରଂ ଥିଲା ଧର୍ମଯୁଦ୍ଧ । ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ପରାମର୍ଶରେ ଯୁଦ୍ଧ କରି କୌରବକୁଳକୁ ଧ୍ୱଂସ କରିଥିଲେ । ଏହି ଯୁଦ୍ଧରେ କୌରବ ପକ୍ଷର ସମସ୍ତ ଯୋଦ୍ଧା ବୀରଗତି ପ୍ରାପ୍ତ ହୋଇଥିଲେ । ଦୁର୍ଯ୍ୟୋଧନ ପ୍ରିୟ ପରିଜନଙ୍କ ମୃତ୍ୟୁ ପରେ ନିହାତି ଅସହାୟ ହୋଇପଡିଥିଲେ । ପ୍ରାଣରଙ୍କ ହୋଇ, ନିଜକୁ ନିଜେ ବଞ୍ଚାଇବା ପାଇଁ ସେ ପ୍ରିୟପୁତ୍ର ଲକ୍ଷ୍ମଣକୁମାରଙ୍କ ଶବକୁ ଆଶ୍ରୟ କରି ରକ୍ତନଦୀ ପାର ହୋଇଥିଲେ । ବ୍ୟାସ ସରୋବରରେ ଆତ୍ମଗୋପନ କରିବା ପାଇଁ ଦୁର୍ବାସା ତାଙ୍କୁ ପରାମର୍ଶ ଦେଇଥିଲେ । କାରଣ ବ୍ୟାସ ସରୋବରରେ ଶରଣ ନେଇଥିବା ବ୍ୟକ୍ତିଙ୍କୁ ମାରିବା ପାଇଁ ତା'ର ଶତ୍ରୁ ସେଠାରେ ପହଞ୍ଚିପାରେ ନାହିଁ । କେହି ଯଦି ଶରଣ ନେଇଥିବା ବ୍ୟକ୍ତିକୁ ମାରିବା ପାଇଁ ବଳପୂର୍ବକ ପ୍ରବେଶ କରେ, ତା' ହେଲେ ଶିବଙ୍କ ଅଭିଶାପ ଅନୁସାରେ ସେ ଧ୍ୱଂସ ପାଇଯିବ ।

ସେହି ନିରାପଦ ସ୍ଥାନରେ ଦୁର୍ଯ୍ୟୋଧନ, ଭୀମଙ୍କ ଭୟରେ ଆତ୍ମଗୋପନ କରିଥିଲେ ।

ODM EDUCATIONAL GROUP
Changing your Tomorrow

# ପ୍ରାରମ୍ଭିକ ସୂଚନା ଏବଂ କୁଇଜ୍ ମାଧ୍ୟମରେ କବିତା ଉପସ୍ଥାପନା

## କୁଇଜ୍ ମାଧ୍ୟମରେ ବିଷୟବସ୍ତୁ ପ୍ରବେଶ

**GROUP-A: କୌରବ**

୧. କୌରବମାନେ କେତେ ଭାଇ ଥିଲେ ?

୨. ତାଙ୍କ ପିତା-ମାତାଙ୍କ ନାମ କ'ଣ ?

୩. କୌରବ ମାନଙ୍କ ନାମ କେଉଁ ଅକ୍ଷରରୁ ଆରମ୍ଭ ?

୪. କୌରବମାନଙ୍କ ଗୁରୁଙ୍କ ନାମ କ'ଣ ?

୫. ଦ୍ରୌପଦୀ କିଏ ?

ODM EDUCATIONAL GROUP
Changing your Tomorrow

# ପ୍ରାରମ୍ଭିକ ସୂଚନା ଏବଂ କୁଇଜ୍ ମାଧ୍ୟମରେ କବିତା ଉପସ୍ଥାପନା

## କୁଇଜ୍ ମାଧ୍ୟମରେ ବିଷୟବସ୍ତୁ ପ୍ରବେଶ



**GROUP-B: ପାଣ୍ଡବ**

୧. ପାଣ୍ଡବମାନେ କେତେ ଭାଇ ଥିଲେ ?

୨. ପାଣ୍ଡବମାନଙ୍କ ନାମ କ'ଣ ଥିଲା ?

୩. ପାଣ୍ଡବମାନଙ୍କ ଭିତରେ ଧର୍ମରାଜ କିଏ ଥିଲେ ?

୪. ଗୁରୁପୁତ୍ର କିଏ ?

୫. ଦ୍ରୌପଦୀଙ୍କ ପିତାଙ୍କ ନାମ କ'ଣ ?

ODM EDUCATIONAL GROUP
Changing your Tomorrow

ଶୂଦ୍ରମୁନି ସାରଳା ଦାସଙ୍କ 'ମହାଭାରତ' ଓ ବ୍ୟାସଦେବଙ୍କ 'ସଂସ୍କୃତ ମହାଭାରତ' ଆଲୋଚନା

ଓଡିଆ ଜାତିର ସାଂସ୍କୃତିକ, ସାମାଜିକ ଓ ରାଜନୀତିକ ଚିତ୍ରର ଜ୍ଞାନକୋଷ

ସାରଳା ଦାସ (ଉପାଧି)

ଆଦି କବି

ମାଟିର ମହାକବି

ଉତ୍କଳ ବ୍ୟାସ

ଶୂଦ୍ରମୁନି

ପୂର୍ବ ନାମ – ସିଦ୍ଧେଶ୍ୱର ପରିଡା


ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କବିତା ଆବୃତ୍ତି

ODM EDUCATIONAL GROUP
Changing your Tomorrow




ODM EDUCATIONAL GROUP
Changing your Tomorrow

ଧ୍ୟାନେଣ ଜାଣିଲେ ସେ ଦେବ ପଶୁପତି
ଈଶ୍ୱରେ ବୋଇଲେ ଦେବୀ ଶୁଣ ଗୋ ପାର୍ବତୀ ।
ଆମ୍ଭନ୍ତ ସିଂଘନାଦ ମାଗୁଅଛି ବୀର ଭୀମା
ତୁମ୍ଭ ବିଚାରକୁ କିସ ଯୋଗାଇ ଗୋ ଉମା ।
ପାର୍ବତୀ ବୋଇଲେ ଭୀମସେନ ଆମ୍ଭ ଉପୁଗାରି
ବେଳେବେଳେ ପାଣ୍ଡବେ ଆମ୍ଭ କପିଳାସକଇଂ ଉଦ୍ଧରି
ସତ୍ୟମନା ଛନ୍ତି ଦେବ ଯେ ତ୍ରିପୁରାରି ।
ପାର୍ବତୀ ବୋଇଲେ ସିଂଘନାଦ ଦିଅସି ବହନ
ପାଣ୍ଡବଂକ ହେତୁ ତୁମ୍ଭେ ବ୍ରତିଅଛ ତ୍ରିଲୋଚନ ।
ସଂକଟ କାଳେ ତୁମ୍ଭନ୍ତ ଉଦ୍ଧାରନ୍ତି ପୁଣ
ଦିଅସି ସିଂଘନାଦ ପ୍ରସନ୍ନ ବଦନେଣ ।
ଘନ ଘନ ଆସନ କମ୍ପଇ ସଦାନନ୍ଦ
ଚିରିକୁଟିରୁ କାଢ଼ି ଦିଲେ ସେ ସିଂଘନାଦ ।
ଈଶ୍ୱରେ ବୋଇଲେ ତୁ ବହନ ହୋଇ ଯିବୁ
ତିନିଘାନ୍ତି ମାତ୍ରକ ଶବଦ ଭୀମସେନକୁ ସହିବୁ ।



ODM EDUCATIONAL GROUP
Changing your Tomorrow

ସିଂଘନାଦ ଆସନ୍ତେ ପ୍ରସର ପବନ
ଶବଦେ କମ୍ପୁଅଛି ମୃତ୍ୟୁ ଯେ ଭୁବନ ।
କାଳାନଳ ଜାଣି ବିକାଶି ସିଂଘନାଦ ଜ୍ୟୋତି
ଆଦିତ୍ୟହୁଂ ଶତେଗୁଣ ତେଜ ବିକାଶନ୍ତି ।
ଅନ୍ତରୀକ୍ଷେ ଆସି ପ୍ରବେଶ ହୋଇଲା ବ୍ୟାସସରୋବର ତୀରେ
ପାଣ୍ଡବ ସୁନ୍ଦର ଭୀମ ଧଇଲା ତାହା କରେ ।
ଆରେ ଆରେ ନିସତ କିମ୍ପା ହୋଉ ମାନଗୋବିନ୍ଦ
କରେ ଧରି ପାଣ୍ଡବ ତାହା ଚୁମ୍ବିଲା ସିଂଘନାଦ ।
ଆକ୍ରେଷିଣ ସିଂଘନାଦ ଭୀମସେନ ଗାଢ଼େ କଲେ ବାଦ୍ୟ
ମହୀମଣ୍ଡଳ କମ୍ପିଲା ପ୍ରଥମ ଶବଦ ।
ନଳିନୀ ପତ୍ରରେ ଯେହ୍ନେ ପଡ଼ନ୍ତେଣ ପାଣି
ପୃଥିବୀ ଦଳଦଳିତ କମ୍ପଇ ମେଦିନୀ ।
ସଞ୍ଚା ଛାଡ଼ିକରି ଯେ ବୁଲଇ ମନ୍ଦର
ମାନଗୋବିନ୍ଦ ନିଦ୍ରାଭାଙ୍ଗି ଉଠି ବସିଲା ଧାତିକାର ।
ପୁଣ ଆରେକ ରଡ଼ିଯେ ଦିଲା ବୀର ଭୀମ
ଛଡ଼ଲକ୍ଷ ଯୋଜନେ ଆକାଶେ କମ୍ପିଲା ବୀର ଯମ ।
ପାତାଳେ ଅନନ୍ତ ନାଗର କମ୍ପିଲାକ ଫେରୁ
ନବଦ୍ୱୀପ ସପତ ସାଗର କମ୍ପିଲା ଟଳମଳ ହୋଇଲାକ ମେରୁ ।



## ଗୃହକର୍ମ :

୧.	(HW) ସାରଳା ମହାଭାରତର ବିଭିନ୍ନ ଚରିତ୍ରଗୁଡିକୁ ନେଇ ଏକ ତାଲିକା ପ୍ରସ୍ତୁତ କର ।

୨.	ବିଷୟରୁ ସାରଳା ମହାଭାରତର ୧୦ଟି ଶବ୍ଦ ବାଛି ତାର ଆଧୁନିକ ଓଡିଆ ଭାଷାର ଅର୍ଥ ଲେଖ ।

୩.	ପଠିତାଂଶରୁ ୧୦ଟି ବସ୍ତୁନିଷ୍ଠ ପ୍ରଶ୍ନ ପ୍ରସ୍ତୁତ

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow